## ଲୁଟ୍ ଘଟଣା, ୨ ଗିରଫ

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ଥାନା ମଠତେନ୍ତୁଳିଆ ପଞ୍ଚାୟତ ବଙ୍ଗାଳି ଛକଠାରେ ଗତ ୨୯ ତାରିଖରେ କାଶିପୁର ଗ୍ରାମର ପୋଷ୍ଟମାଷ୍ଟର ସୋନାଲି ହାଁସଦାଙ୍କଠାରୁ ଲୁଟ୍ ଘଟଣାରେ ଗୁରୁବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୀବନଜ୍ୟୋତି ନାଥ ଓରଫ୍ ଭିକି ଓ ପ୍ରକାଶ ବିଶ୍ୱାଳ। ସେମାନଙ୍କଠାରୁ ଲୁଟ୍ ହୋଇଥିବା ୧୨ହଜାର ଟଙ୍କା, ୨ଟି ମୋବାଇଲ ସେଟ୍ ଆଦି ଜବତ କରାଯାଇଛି। ପୋଲିସ ନଂ. ୬୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଏଥର ପ୍ରଭୁ ମଦନ ମୋହନଙ୍କ ଚାପଖେଳ ବନ୍ଦ

## ଭାଙ୍ଗିଲା ପରମ୍ପରା

■ଭାଗୀରଥି ସାଗର ଉନ୍ନତିକରଣ କାର୍ଯ୍ୟ ବିଳମ୍ବ ନେଇ ଅସନ୍ତୋଷ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳରେ ଚାପଖେଳ ପରମ୍ପରା ଭାଙ୍ଗିଲା। ଆସନ୍ତା ୧୦ ତାରିଖରେ ଅକ୍ଷୟ ତୃତୀୟା ପର୍ବ ପରଠାରୁ ପରମ୍ପରା ଅନୁଯାୟୀ ୨୨ଦିନ ବ୍ୟାପୀ ଶ୍ରୀ ବଳରାମ ମନ୍ଦିର ପରିସରରେ ପୂଜା ପାଉଥିବା ଶ୍ରୀଶ୍ରୀ ମଦନମୋହନ ପାଲିଙ୍କିରେ ଆସି ଭାଗୀରଥି ସାଗର ନୂଆ ପୋଖରୀରେ ଥିବା ଡଙ୍ଗାରେ ଚାପ ଖେଳନ୍ତି। କିନ୍ତୁ ଚଳିତବର୍ଷ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ପୋଖରୀ ଉନ୍ନତିକରଣ ପାଇଁ ଏହାକୁ ସମ୍ପୂର୍ଣ୍ଣ ଭାବେ ଖୋଳି ଦେଇଥିବାରୁ ଚଳିତବର୍ଷ ମହାପ୍ରଭୁ ଶ୍ରୀ ଶ୍ରୀ ମଦନ ମୋହନ ଚାପ ଖେଳରୁ ବଞ୍ଚିତ ହୋଇଛନ୍ତି। ୧ କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଭାଗୀରଥି ସାଗର ନୂଆ ପୋଖରୀର ଉନ୍ନତିକରଣ କାର୍ଯ୍ୟ ଦୁଇମାସ ହେବ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏହା ଶେଷ ହୋଇନାହିଁ। ଫଳରେ ପୋଖରୀରେ ପାଣି ନ ଥିବାରୁ ଚାପ ଖେଳକୁ ରାଜ ପୁରୋଧାଙ୍କ ସହ ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷ ଆଲୋଚନା ପରେ ଚଳିତବର୍ଷ ଏହାକୁ ବନ୍ଦ ରଖାଯାଇଛି। କେବଳ ବିଧି ପାଳନ ପାଇଁ ଶ୍ରୀଶ୍ରୀ ମଦନ ମୋହନ ବଳରାମ ମନ୍ଦିରରୁ ବିମାନରେ ନୂଆ ପୋଖରୀକୁ ଆସି ସେଠାରେ ପୂଜାର୍ଚ୍ଚନା ପରେ ଡଙ୍ଗାକୁ ଛୁଇଁ ଫେରିବେ ବୋଲି ଦେବୋତ୍ତର ବିଭାଗ ସୂତ୍ରରୁ ଜଣାପଡିଛି। ସେହିପରି ଯାଉଁଳି ପୋଖରୀ ମଠ ପୋଖରୀ ରହିଥିଲେ ମଧ୍ୟ ସେଠାରେ ଚାପଖେଳ କାହିଁକି କରାଗଲା ନାହିଁ ବୋଲି ତାହା ଅନୁସନ୍ଧାନ ମୂଳକ। ଏ ସଂକ୍ରାନ୍ତରେ ଜିଲା ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କୁହନ୍ତି, ପୋଖରୀ ଉନ୍ନତିକରଣ କାର୍ଯ୍ୟ ସମାପନ ସମ୍ପର୍କରେ ଆମେ ପୌରସଂସ୍ଥାକୁ ପତ୍ର ସଂଖ୍ୟା ନଂ. ୧୦୨୦ରେ ଗତ ୫।୪।୨୦୨୪ ଓ ପତ୍ର ସଂଖ୍ୟା ନଂ–୧୦୯୨ରେ ୨।୦୪।୨୦୨୪ରେ ଦୁଇଥର ପତ୍ର ଲେଖି ଜଣାଇଥିଲୁ। କିନ୍ତୁ ଉକ୍ତ ସମୟ ମଧ୍ୟରେ ଉନ୍ନତିକରଣ କାର୍ଯ୍ୟ ସରିବ ନାହିଁ ବୋଲି ପତ୍ର ସଂଖ୍ୟା ନଂ–୧୬୬୭, ତାରିଖ–୨୩।୦୪।୨୦୨୪ରେ ଆମକୁ ଜଣାଇବା ପରେ ଆମେ ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ଏବଂ ରାଜ ପୁରୋଧାଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲୁ। ଏହାପରେ ରାଜ ପୁରୋଧାଙ୍କ ନିଷ୍ପତ୍ତି କ୍ରମେ ଚାପ ଖେଳକୁ ବନ୍ଦ କରାଯାଇ କେବଳ ପ୍ରତିକାତ୍ମକ ଭାବେ ଏହା କରାଯିବା ପାଇଁ ସ୍ଥିର ହୋଇଛି।



ଶ୍ରୀଶ୍ରୀ ମଦନ ମୋହନଙ୍କ ଚାପଖେଳ ହେଉଥିବା ଭାଗୀରଥି ସାଗର ନୂଆ ପୋଖରୀକୁ ଖୋଳାଯାଇଛି।

## ୧୦ ଘନ ଫୁଟ୍ କାଠ ଜବତ

ପରଜଙ୍ଗ,୨।୫(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ପୋଲିସ ଚାନ୍ଦପୁର ଗ୍ରାମରେ ଚଢାଉ କରି ଏକ କାଠ ବୋଝେଇ ଟାଟାଏସି ଗାଡିକୁ ଜବତ କରିଛି। ଜବତ ଗାଡିରୁ ୧୦ ଘନଫୁଟ କାଠ ଜବତ କରାଯାଇଛି। ଖବରପାଇ ଡିହଡୋଳ ଫରେଷ୍ଟ ଟିମ ଘଟଣାସ୍ଥଳରେ ପହଞ୍ଚି ଜବତ ଗାଡି ସହ ଉକ୍ତ ଗାଡରେ ଥିବା କାଠକୁ ଫରେଷ୍ଟ ଅଫିସ ଆଣିଛି। ଘଟଣାସ୍ଥଳରୁ ପୋଲିସକୁ ଦେଖି ଟାଟାଏସି ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ଜଣାପଡିଛି।

## ହେରୋଇନ ଜବତ, ଜଣେ ଗିରଫ

କାମାକ୍ଷାନଗର,୨।୫(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଦଳ କାମାକ୍ଷାନଗର ଲକ୍ଷ୍ମୀ ବଜାରର ଆଶିଷ କୁମାର ନାଏକଙ୍କ ଘରେ ଚଢ଼ାଉ କରି ୨୬ ଗ୍ରାମ୍ର ହେରୋଇନ ଜବତ କରିଛନ୍ତି। ଏଥିସହ ଆଶିଷଙ୍କୁ ଗିରଫ କରାଯାଇଛି। ଜବତ ହେରୋଇନର ଆନୁମାନିକ ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କାର ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଢେଙ୍କାନାଳ ଅବକାରୀ ଇନ୍ସପେକ୍ଟର ସତିକା ବେସନାଙ୍କ ନେତୃତ୍ୱରେ ଏସ୍ଆଇ ପୁରୁଷୋତ୍ତମ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# ପ୍ରାର୍ଥିପତ୍ର ଦାଖଲ କଲେ ମହେଶ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ଆସନ ପାଇଁ ଗୁରୁବାର ବିଜେଡି ପ୍ରାର୍ଥୀ ମହେଶ ସାହୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶତାଧିକ ସମର୍ଥକଙ୍କ ଗହଣରେ ମହେଶ ହିନ୍ଦୋଳ କାନ୍ଦରାଶୁଣି ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚ ଥିଲେ। ଏହାପରେ ହିନ୍ଦୋଳ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଶିବାନନ୍ଦ ସ୍ୱାଇଁଙ୍କ ନିକଟରେ ଗୋଟିଏ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ତାଙ୍କ ସହିତ ବିଜେଡି ପକ୍ଷରୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଅଶୋକ ନାୟକ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, ଏନ୍ଏସି ଅଧ୍ୟକ୍ଷ କେଶବଚନ୍ଦ୍ର ପ୍ରଧାନ, ଓଡାପଡା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଜିଲା ବିଜେଡି ସାଧାରଣ ସମ୍ପାଦିକା ତିଲୋତମା ଚୌଧୁରୀ, ପ୍ରସ୍ତାବକ ପ୍ରଶାନ୍ତ ଦାସ, ପ୍ରାର୍ଥୀଙ୍କ ଏଜେଣ୍ଟ ସଦାନନ୍ଦ ଜେଠି, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ମାତୃପ୍ରସାଦ ମିଶ୍ର, ଶ୍ୟାମସୁନ୍ଦର ସାହୁଙ୍କ ସମେତ ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ।



ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ପାଇଁ ମହେଶ ସାହୁ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ବିଜୁ ଯୁବ ଛାତ୍ର ସମାବେଶ: ୧୪୦ ନୂଆ ଭୋଟର ସାମିଲ

ଭୁବନ,୨।୫(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ବଣଚଣ୍ଡୀ ପୀଠରେ ବୁଧବାର ବିଜୁ ଯୁବଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ଏନ୍ଏସିର ୧୫ଟି ୱାର୍ଡର ୩୦୦ରୁ ଊର୍ଦ୍ଧ୍ୱ ଯୁବକ ଛାତ୍ର ସାମିଲ ହୋଇଥିଲେ। ବୈଠକରେ ସମାବେଶ ସଭାପତି ନାରାୟଣ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଭୁବନର ବାକିଥିବା ସମସ୍ତ ବିକାଶକୁ ଯୁବ ଓ ଛାତ୍ରମାନଙ୍କ ନେତୃତ୍ୱରେ କରାଯିବ ବୋଲି ପ୍ରକାଶ କରିଥିଲେ। ଅତିଥି ଭାବେ ଢେଙ୍କାନାଳ ବିଜେଡି ଏମ୍ପି ପ୍ରାର୍ଥୀ ଡ ଅବିନାଶ ସାମଲ, ଭୁବନ ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଏନ୍ଏସିର ପୂର୍ବତନ ଉପନଗରପାଳ ମାୟାଧର ସାହୁ, ଏନ୍ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର୍ ସାହୁ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବରିଷ୍ଠ ଛାତ୍ରନେତା ସିଲୁ ନାୟକ, ଜଗନ ନାୟକ, ଜ୍ଞାନରଞ୍ଜନ ସାହୁ, ରାକେଶ ସାହୁ, ଉମେଶ ଚନ୍ଦ୍ର ମହାରଣାଙ୍କ ସମେତ ଅଞ୍ଚଳର ସମସ୍ତ ଯୁବ ଛାତ୍ର ନେତା ଯୋଗଦେଇଥିଲେ। ଏଥିରେ ୧୪୦ ଜଣ ନୂତନ ଭୋଟର ସାମିଲ ହୋଇଥିଲେ। ଶେଷରେ ସୂର୍ଯ୍ୟପ୍ରକାଶ ରାଉତ ଧନ୍ୟବାଦ ଦେଇଥିଲେ।




## ଢେଙ୍କାନାଳରେ ପହଞ୍ଚିଲେ ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ଲୋକସଭା ଅଧିନରେ ଥିବା ୭ଟି ଯାକ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଏବଂ ଲୋକ ସଭା ପାଇଁ ନିର୍ବାଚନୀ ଖର୍ଚ୍ଚ ସମ୍ପର୍କିତ ପର୍ଯ୍ୟବେକ୍ଷକମାନେ ଗୁରୁବାର ଢେଙ୍କାନାଳରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ଅନିଶ ମୁରଲିଧରନଙ୍କୁ ୯–ଢେଙ୍କାନାଳ ଲୋକସଭା କ୍ଷେତ୍ର ଦାୟିତ୍ୱ ଦିଆଯାଇଛି। ସେହିପରି ଧନିକା ଶର୍ମାଙ୍କୁ ଢେଙ୍କାନାଳ, ହିନ୍ଦୋଳ ଓ କାମାକ୍ଷାନଗର ବିଧାନସଭା ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ କେଶବ କପଲୁସ୍ଙ୍କୁ ପରଜଙ୍ଗ, ପାଲଲହଡା, ତାଳଚେର ଓ ଅନୁଗୋଳ ବିଧାନସଭା କ୍ଷେତ୍ରର ଦାୟିତ୍ୱ ପ୍ରଦାନ କରାଯାଇଛି।

# ଭାଜପା ପକ୍ଷରୁ ମିଶ୍ରଣ ପର୍ବ



ଭୁବନ,୨।୫(ବିପିନ ବିହାରୀ ସେଠୀ)

ଭୁବନ ବ୍ଲକ ଜିରାଳଠାରେ ବୁଧବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଯୁବକ ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ଜିରାଳ ଭାଜପା ସଭାପତି ମହେଶ୍ୱର ପରିଡ଼ା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଢେଙ୍କାନାଳ ଏମ୍ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଓ କାମାକ୍ଷାନଗର ଭାଜପା ବିଧାନସଭା ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା କର୍ମକର୍ତ୍ତାଙ୍କୁ ଭାଜପା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଭାଜପା ଜିଲାର ବରିଷ୍ଠ ପଦାଧିକାରୀ ପ୍ରେମାନନ୍ଦ ଜେନା, ଜଗବନ୍ଧୁ ପୃଷ୍ଟି, ପବିତ୍ରମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳ ସହରରେ ପୋଲିସର ଫ୍ଲାଗମାର୍ଚ୍ଚ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ସହରରେ ଚଳିତ ନିର୍ବାଚନକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଗୁରୁବାର ରାତି ସାଢେ ୭ଟାରେ ଫ୍ଲାଗମାର୍ଚ୍ଚ ହୋଇଥିଲା। ଏହି ଫ୍ଲାଗମାର୍ଚ୍ଚରେ ନିର୍ବାଚନରେ ଶାନ୍ତିଶୃଙ୍ଖଳା ପାଇଁ ଆସିଥିବା ତ୍ରିପୁରା ଷ୍ଟେଟ ରାଇଫଲ ଫୋର୍ସଙ୍କ ସମେତ ଢେଙ୍କାନାଳ ପୋଲିସ ସାମିଲ ହୋଇଥିଲେ। ନିର୍ବାଚନରେ ଆଇନଶୃଙ୍ଖଳା ପାଇଁ ତ୍ରିପୁରା ଷ୍ଟେଟ୍ ରାଇଫଲ୍ସର ୮୦ଜଣ ଫୋର୍ସ ତଥା ଗୋଟିଏ କମ୍ପାନୀ ଢେଙ୍କାନାଳକୁ ଆସିଥିଲେ। ସଦର ଏସ୍ଡିପିଓ ବିଭୁତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ପରିଚାଳନା କରିଥିଲେ।



ଢେଙ୍କାନାଳ ସହରରେ ଫ୍ଲାଗମାର୍ଚ୍ଚ କରାଯାଉଛି।

# ଶ୍ରମିକର ମଧ୍ୟ ଆତ୍ମସମ୍ମାନ ରହିଛି




## ଶ୍ରମିକ ଦିବସ ପାଳନ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଯାତ୍ରା ପଡିଆ ନିକଟରେ ଓଆଇସିଡବ୍ଲୁୟୁର ରାଜ୍ୟ ସଭାପତି କମଳ କୁମାର ମିଶ୍ରଙ୍କ ପକ୍ଷରୁ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ମିଶ୍ର କହିଥିଲେ, ଶ୍ରମିକ ଦିବସ ୧୮୮୩ ମସିହା ମେ ୧ରେ ଆମେରିକାର ଚିକାଗୋ ସହରରେ ସର୍ବପ୍ରଥମେ ପୁଞ୍ଜିବାଦୀ ଦାସତ୍ୱ ନୀତି ବିରୋଧରେ ମୁଣ୍ଡ ଟେକିଥିଲା। କେବଳ ଗରିବ ଦିନ ମଜୁରିଆ ବ୍ୟକ୍ତିଙ୍କୁ ଶ୍ରମିକ ବୁଝାଏ ନାହିଁ, ଶ୍ରମିକ ଶବ୍ଦର ଅର୍ଥ ନିଜସ୍ୱ ଶ୍ରମ ବା ପରିଶ୍ରମରେ ଇଟା ବାଲି ବୋହୁଥିବା ବ୍ୟକ୍ତିଠାରୁ ଆରମ୍ଭ କରି ଶିକ୍ଷା ଅନୁଷ୍ଠାନ ଓ ଅଫିସରେ କାର୍ଯ୍ୟରତ ସମସ୍ତ ଶ୍ରମିକ ବ୍ୟକ୍ତି ଆତ୍ମସମ୍ମାନ ପୂର୍ବକ ଜୀବନଯାପନ କରିବା ପାଇଁ ଏହି ଦିବସର ମହତ୍ତ୍ୱ। ରାଜ୍ୟ କୋଷାଧ୍ୟକ୍ଷ ସର୍ବେଶ୍ୱର ସେନାପତି ଶ୍ରମିକଙ୍କ ଏକତା ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ କରିଥିଲେ। ରୋହିତ ଦଳେଇ, କାଳନ୍ଦି ସେନାପତି, ଅଶୋକ ଦଳେଇ, କାମାକ୍ଷାପ୍ରସାଦ ପରିଡା, ରୋହିତ ରାଉତଙ୍କ ସମେତ ବହୁ ଶ୍ରମିକ ଯୋଗଦାନ କରିଥିଲେ।

# ପ୍ରାର୍ଥିପତ୍ର ଦାଖଲ କଲେ କୃଷ୍ଣ

ଢେଙ୍କାନାଳ,୨।୫(ରତନ ନାୟାର)

ଢେଙ୍କାନାଳ ବିଧାନସଭା ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସହରସ୍ଥିତ ବଳରାମ ମନ୍ଦିରରୁ ପୂଜାର୍ଚ୍ଚନା ସାରିବା ପରେ କୃଷ୍ଣ ନିଜର ଶତାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପରେ ଉପଜିଲାପାଳ ସପନ କୁମାର ନନ୍ଦଙ୍କୁ ନିଜର ଗୋଟିଏ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ରାଜସ୍ଥାନର ଆଇନମନ୍ତ୍ରୀ ଯୋଗାରାମ ପଟେଲ, ଢେଙ୍କାନାଳ ଲୋକସଭା ଆସନର ଭାଜପା ଏମ୍ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, କୋଦଣ୍ଡଧର ସାହୁ, ରାମଚନ୍ଦ୍ର ପାତ୍ର, ଦିପକ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କୃଷ୍ଣଚନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ଦୁର୍ଦ୍ଦାନ୍ତ ଅପରାଧୀଙ୍କ ୩ ସହଯୋଗୀ ଗିରଫ

କାମାକ୍ଷାନଗର,୨।୫(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପୋଲିସ ବୁଧବାର ଓ ଗୁରୁବାର ୩ ଅପରାଧୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, କିଙ୍ଗ ଅଫ ଫରେଷ୍ଟ ନାମରେ ଆତଙ୍କ ସୃଷ୍ଟି କରିଥିବା ଦୁର୍ଦ୍ଦାନ୍ତ ଅପରାଧୀ ବୁବୁନା ଓରଫ ସୁବାସ ଖୁଣ୍ଟିଆକୁ ସୋମବାର ପୋଲିସ ଏନ୍କାଉଣ୍ଟର କରିଥିଲା। ଏହି ଘଟଣାରେ ସୁବାସର ୨ ପ୍ରମୁଖ ସହଯୋଗୀ କାମାକ୍ଷାନଗର ଥାନା ନୂଆ ଆଳତୁମାର ସୁଶିଲ ଓରଫ ଓମ ପ୍ରକାଶ ଖୁଣ୍ଟିଆ(୧୯) ଓ ନୂଆଆଳତୁମା ପାଣି ଟାଙ୍କି ସାହିର ଗୁଡୁ ଓରଫ ଆଶୁତୋଷ ନାଥ(୨୩)ଙ୍କୁ ଗିରଫ କରାଯାଇଛି। ଏହି ୨ ଅପରାଧୀ ସୁବାସଙ୍କୁ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଯୋଗାଇବା ସହ ପୋଲିସର ଗତିବିଧି ସମ୍ପର୍କରେ ସୁବାସକୁ ସୂଚନା ଦେଉଥିବା ପୋଲିସ ପ୍ରକାଶ କରିଛି।

ସେହିପରି ଜେଲରେ ଥିବା କିଙ୍ଗଅଫ ଫରେଷ୍ଟ ଗ୍ରୁପର ମୁଖ୍ୟ ରାକେଶ ନାଥଙ୍କ ସହଯୋଗୀ ଆଳତୁମା ହାଟୁଆ ସାହିର ଟୁନା ଓରଫ ତଥାଗତ ସାହୁ (୨୯)ଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। କାମାକ୍ଷାନଗର ଥାନା ଅଧିକାରୀ ଧିରେନ କୁମାର ବେହେରାଙ୍କ ନେତୃତ୍ୱରେ ଏସ୍ଆଇ ସୌମ୍ୟରଞ୍ଜନ ମହାନ୍ତି ଚଢାଉରେ ସାମିଲ ଥିଲେ।





# ପରଜଙ୍ଗ, କାମାକ୍ଷାନଗର ବିଧାନସଭା ପାଇଁ ୩ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ





କାମାକ୍ଷାନଗର,୨।୫ (ସୁଧୀର କୁମାର ପରିଡା)

ଚଳିତ ସାଧାରଣ ନିର୍ବାଚନ ପାଇଁ ବୁଧବାର ପଞ୍ଚମ ପର୍ଯ୍ୟାୟ ମତଦାନ ନିମନ୍ତେ ବିଧିବଦ୍ଧ ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିବସରେ ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦୁଇ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରଥମେ ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ନିଜ ସମର୍ଥକଙ୍କ ଗହଣରେ ଆସି ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଅନିତା ପାତ୍ରଙ୍କ ନିକଟରେ ଗୋଟିଏ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ରଞ୍ଜିତ କୁମାର ସାହୁ ଶତାଧିକ ସମର୍ଥକଙ୍କ ଗ୍ରହଣରେ ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଆସି ୩ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ସୁନିଲ କୁମାର ଦାସ, ଲୋକସଭା ପ୍ରାର୍ଥିନୀ ସସ୍ମିତା ବେହେରା, ରାଜ୍ୟ ସମ୍ପାଦକ ଶିଳ୍ପୀଶ୍ରୀ ବେହେରା, ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ ନିର୍ମଳ ମିଶ୍ର, ଜିଲା ଉପସଭାପତି ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୁରୁବାର ପ୍ରାର୍ଥିପତ୍ର ଦାଖଲର ୪ର୍ଥ ଦିନରେ କାମାକ୍ଷାନଗର ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ ବିପ୍ରବର ସାହୁ ଜିରିଡାମାଳିଠାରୁ ନିଜ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଆସି କାମାକ୍ଷାନଗର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ନାରାୟଣଚନ୍ଦ୍ର ନାୟକଙ୍କ ନିକଟରେ ୩ ସେଟ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଓ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଉପ ସଭାନେତ୍ରୀ ରୁମେନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥିପତ୍ର ଦାଖଲ ନ କରି ଫେରିଗଲେ ନଳିନୀ

**ଆଠମଲ୍ଲିକ, ୨।୫(ଉଦୀପ୍ତ ପୁରୋହିତ)/ ଅନୁଗୋଳ (ଅମିତ କୁମାର ସାମଲ)**



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ।

ଅନୁଗୋଳ ଜିଲା ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ପାଇଁ ବିରାଟ ଶୋଭାଯାତ୍ରାରେ ଆସିଥିଲେ ହେଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଫେରିଯାଇଛନ୍ତି। କେଉଁ କାରଣରୁ ନଳିନୀ ପ୍ରାର୍ଥିପତ୍ର ଦାଖଲ ନ କରି ଫେରିଲେ ତାହାକୁ ନେଇ ଜିଲାରେ ନାନା ଆଲୋଚନା ଚାଲିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ବେଳେ ବିଧାୟକ ପ୍ରାର୍ଥୀ ପ୍ରଧାନ ସ୍ଥାନୀୟ ମା' ମାହେଶ୍ୱରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଏକ ସୁସଜ୍ଜିତ ଗାଡ଼ିରେ ବିରାଟ ପଟୁଆରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ତାଙ୍କ ସହିତ ବରିଷ୍ଠ ନେତା ଭାଗୀରଥି ପ୍ରଧାନ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ପ୍ରମୁଖ ଶୋଭାଯାତ୍ରାରେ ଆସିଥିଲେ। ସହର ପରିକ୍ରମା ସାରି ନଳିନୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ନଳିନୀଙ୍କ ପ୍ରାର୍ଥିପତ୍ର ଦାଖଲ ସମ୍ପର୍କରେ ପୂର୍ବ ଦିନରୁ ଘୋଷଣା ହୋଇଥିବାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭିଡ଼ ଲାଗିଥିଲା। ହେଲେ ଶୋଭାଯାତ୍ରାରେ ଆସିଥିବା ନଳିନୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ନ ପଶି ଫେରିଯାଇଥିଲେ। ଏପରି କି କିଛି ସମୟ ପରେ ପ୍ରାର୍ଥିପତ୍ର ଦାଖଲ କରିବାକୁ ସେ ଆସିପାରନ୍ତି ବୋଲି ଆଲୋଚନା ହେଉଥିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ଧାର୍ଯ୍ୟ ସମୟ ତଥା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ମଧ୍ୟ ନଳିନୀ ଆସି ନ ଥିଲେ। ଏ ସମ୍ପର୍କରେ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର କହିଛନ୍ତି, ଧାର୍ଯ୍ୟ ସମୟ ଭିତରେ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ବିଧାୟକ ପ୍ରାର୍ଥୀ ନଳିନୀ କହିଛନ୍ତି, ଗୁରୁବାର ନାମାଙ୍କନ କରିବାର କୌଣସି ଯୋଜନା ନ ଥିଲା। କେବଳ କର୍ମୀମାନେ ସେମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଲୋକଙ୍କୁ ଦେଖାଇବାକୁ ଏକ ରୋଡ୍ ଶୋ କରିଥିଲେ। ବିଜେଡି ଏଠାରେ ଶକ୍ତି ପ୍ରଦର୍ଶନ କରିଛି। ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରାଯିବ।

# ପ୍ରାର୍ଥିପତ୍ର ଦାଖଲ କଲେ ବ୍ରଜକିଶୋର, ପ୍ରଫୁଲ୍ଲ ଦାସ



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ବିଜେଡିର ବ୍ରଜକିଶୋର।

**ତାଳଚେର, ୨।୫ (ମନୋଜ ନନ୍ଦ)**

ଆସନ୍ତା ୨୫ ତାରିଖରେ ଅନୁଗୋଳ ଜିଲାର ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ତାଳଚେର ବିଧାନସଭା କ୍ଷେତ୍ର ନିମନ୍ତେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମନୋନୟନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ବୁଧବାର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସହସ୍ରାଧିକ ସମର୍ଥକ ତଥା ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ଗହଣରେ ବ୍ରଜକିଶୋର ତାଳଚେର ଜଗନ୍ନାଥ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ବିଜେଡି ପ୍ରାର୍ଥୀ ପ୍ରଧାନ ନିଜ ପ୍ରସ୍ତାବକଙ୍କ ସହିତ ତାଳଚେର ନିର୍ବାଚନ ଅଧିକାରୀଙ୍କୁ ଭେଟି ମନୋନୟନ ପତ୍ର ଦାଖଲ କରିଥିଲେ। ସେହିପରି ଗୁରୁବାର କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ଦାସ ପୂର୍ବାହ୍ନରେ ଜଗନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ତାଳଚେର ସହର ପରିକ୍ରମା କରି ତାଳଚେର ନିର୍ବାଚନ ଅଧିକାରୀଙ୍କୁ ଭେଟି ମନୋନୟନ ପତ୍ର ଦାଖଲ କରିଥିଲେ। କଂଗ୍ରେସ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍ପି ପ୍ରାର୍ଥୀ ସସ୍ମିତା ବେହେରା, ସବିତା ଧୀର, ରାଜକିଶୋର ସାହୁ, ଜିନେସ ସାହୁ, ବିରଞ୍ଚି ଧର, ସଂଗ୍ରାମ କେଶରୀ କୁଅଁର, ଦଳୀୟ ପର୍ଯ୍ୟବେକ୍ଷକ ବାଙ୍କନିଧି ବେହେରା, ବିଚ୍ଛନ୍ଦ ସାମଲ, ଏସ ବେହେରା, ପବିତ୍ର ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି କଂଗ୍ରେସର ପ୍ରଫୁଲ୍ଲ।

# ଅଙ୍ଗପଡ଼ାରେ ଭାଜପାର ମିଶ୍ରଣ ପର୍ବ

**ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡାଠାରେ ବୁଧବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାକିଚି ଅଞ୍ଚଳର ବିପ୍ଳବ ସାହୁ, ନିକେଶ ସାହୁ, ବିଦ୍ୟାଧର ନାଗ, ଶିବରାମ ସାହୁ, ବାବୁଲି ନାଗ, ସମୀର ସାହୁ, କାଳନ୍ଦୀ ନାଗ, ବଳରାମ ନାଗଙ୍କ ସମେତ ବହୁ ଯୁବକର୍ମୀ ଅନ୍ୟଦଳ ଛାଡି ଭାଜପାରେ ଯୋଗଦାନ କରିଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଆଠମଲ୍ଲିକ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ ଦଳୀୟ ଟୋପି ପିନ୍ଧାଇ ଓ ଉତ୍ତରୀୟ ପକାଇ ଯୁବକର୍ମୀମାନଙ୍କୁ ଭାଜପାକୁ ସ୍ୱାଗତ କରିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଦଳ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିବା ସମ୍ପୃକ୍ତ ଯୁବକର୍ମୀମାନେ କହିଛନ୍ତି।



# ନାମାଙ୍କନପତ୍ର ଦାଖଲ କଲେ ମନ୍ଦୋଦରୀ, ଭରତ କୁମାର



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ମନ୍ଦୋଦରୀ।



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ଭରତ କୁମାର।

**ଅନୁଗୋଳ, ୨।୫ (ଅମିତ କୁମାର ସାମଲ)**

ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବୁଧବାର ପୂର୍ବାହ୍ନରେ ଅନୁଗୋଳ ବିଧାୟକ ପ୍ରାର୍ଥୀ ଭାବେ ମନ୍ଦୋଦରୀ ରାଉଳ ଏବଂ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଭାବେ ଭରତ କୁମାର ନାଏକ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଦଳର ନେତୃବୃନ୍ଦଙ୍କ ସହ କର୍ମୀ, ସଙ୍ଗଠକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ନାମାଙ୍କନପତ୍ର ଦାଖଲ ସମୟରେ ଦଳ ପକ୍ଷରୁ ସମ୍ବଲପୁର ଏମ୍ପି ପ୍ରାର୍ଥୀ ନବକିଶୋର ପ୍ରଧାନ, ଏସ୍ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ଜୟସେନ ମେହେର, ବ୍ରଜବନ୍ଧୁ ସାହୁଙ୍କ ସମେତ ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଲ, ରଣଜିତ ପ୍ରଧାନ, ସଞ୍ଜୟ ସାହୁ, ଆଡ୍‌ଭୋକେଟ୍ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଇଣ୍ଡାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

**ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ବଇଣ୍ଡା ଅଞ୍ଚଳରେ ସୋମବାର ହଣ୍ଡପା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ହଣ୍ଡପା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ବଇଣ୍ଡା ଛକର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ବଇଣ୍ଡା ଛକର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ବୁଲିବା ସହ କିଶୋରଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟ ଯାଞ୍ଚ କରାଯାଇଥିଲା। ଆସନ୍ତା ୨୫ ତାରିଖରେ ଆଠମଲ୍ଲିକ ବିଧାନସଭା ନିର୍ବାଚନ ଥିବା ବେଳେ କିଭଳି ହଣ୍ଡପା ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ହେବ ସେ ନେଇ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।



# ବନ୍ତଳାରେ ବିଜେଡିର ଆଶୀର୍ବାଦ ସମାବେଶ



**ଅନୁଗୋଳ, ୨।୫ (ଅମିତ କୁମାର ସାମଲ)**

ଅନୁଗୋଳ ବ୍ଲକ ବନ୍ତଳା ମଦନମୋହନ ପଡ଼ିଆରେ ବିଜେଡିର ଆଶୀର୍ବାଦ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍ପି ପ୍ରାର୍ଥୀ ଅବିନାଶ ସାମଲ ଓ ଅନୁଗୋଳ ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ ଉପସ୍ଥିତ ଥିଲେ। ବନ୍ତଳା ମଦନମୋହନ ଛକ ପଡ଼ିଆରେ ଅନୁଷ୍ଠିତ ଏହି ସମାବେଶରେ ବିଜେଡି ଏମ୍ପି ପ୍ରାର୍ଥୀ ସାମଲ କହିଥିଲେ, ଅନୁଗୋଳ ବ୍ଲକ ଭାତହାଣ୍ଡି କୁହାଯାଉଥିବା ବନ୍ତଳା ଅଞ୍ଚଳରେ ଜଳସେଚନ ସୁବିଧା, ଯୁବକମାନଙ୍କୁ ନିଯୁକ୍ତି ଓ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିବାକୁ ସେ ପ୍ରାଥମିକତା ଦେବେ। ସେହିଭଳି ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ କହିଥିଲେ, ବିଜେଡି ସରକାରରେ ମହିଳାଙ୍କୁ ଅଧିକ ଗୁରୁତ୍ୱ ମିଳୁଥିଲାବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଏବେ ଆତ୍ମ ନିର୍ଭରଶୀଳ ହୋଇଛନ୍ତି। ଆଗକୁ ମହିଳାମାନଙ୍କୁ ଅଧିକ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ବିଜେଡିକୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ। ଏହି ସମାବେଶରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ଜିଲା ବିଜେଡି ସଭାପତି ହେନ୍ଦ୍ର ବସ୍ତିଆ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ, ବରିଷ୍ଠ ନେତା ବିପ୍ଳବ ଜେନା, ମୀନକେତନ ଅମାନ୍ତ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲା ପରିଷଦ ସଦସ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ ଓ ଧ୍ରୁବ ଚରଣ ଦେହୁରୀ, ବରିଷ୍ଠ ନେତା ନିର୍ମଳ ସାହୁ, ଦୁର୍ଗା ଚରଣ ପ୍ରଧାନ, ସମବାୟ ନିର୍ଦ୍ଦେଶକ, ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥୀତ ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା ଓ କଂଗ୍ରେସ ଛାଡ଼ି କର୍ମୀମାନେ ବିଜେଡିରେ ଯୋଗଦେଇଥିଲେ।

# କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



**ବଅଁରପାଳ/ଅନୁଗୋଳ, ୨।୫ (ଅମିତ କୁମାର ସାମଲ)**

ବଅଁରପାଳ ବ୍ଲକ ସନ୍ତ୍ରୀ ପଞ୍ଚାୟତର ନଳଚନ୍ଦ୍ରପୁର ଆମ୍ବବୁରି ପରିସରରେ ବୁଧବାର ଭାଜପା ପକ୍ଷରୁ ପଞ୍ଚାୟତ ସଭାପତି ପ୍ଲାଣ୍ଟୁ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଏକ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ବିଭିନ୍ନ ସାହିରୁ ପ୍ରାୟ ୨ ହଜାରରୁ ଅଧିକ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ସମ୍ମିଳନୀରେ ସାମିଲ ହୋଇଥିଲେ। ଏହି ଅବସରରେ ଢେଙ୍କାନାଳ ଭାଜପା ଏମ୍ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ମହେଶ ଧଳ, ଅନୁଗୋଳ ପ୍ରାକ୍ତନ ନଗରପାଳ ଭକ୍ତି ଦାସ, ଜିଲାପରିଷଦ ସଦସ୍ୟା ମୀରା ଗଡନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ସୋମନାଥ ରାଉତ, ରଞ୍ଜନ ଜେନା, ପ୍ରଭାରୀ ଯଯାତି ପଟ୍ଟନାୟକ, ଭୀମସେନ ଭୂତିଆ, କୁନା ଗଡ଼ନାୟକ, ବଅଁରପାଳ ଭାଜପା ମଣ୍ଡଳ ସଭାପତି କୀଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଜେଡି କର୍ମୀ ସୁଶୀଲ ବିଶୋଇ, କାଶୀନାଥ ମାଝି, ଅର୍ଜୁନ ମାଝି ଏବଂ ପଟେଇ ମାଝିଙ୍କ ସମେତ ବହୁ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଛବି ମୋହନ ସାହୁ, ଦିଲୀପ ରାଉତ, ସୁଶୀଲ ମାଝି, ଚିକୁନ ମାଝି, ଅନିଲ ଆମାନ୍ତ, ସଞ୍ଜୀବ ପାଇକ, ସୁଶୀଲ ବାରିକ, ସୁବାସ ସେଠୀ, ଅଜୟ ବେହେରା, ମହୁର ମାଝି, ଅରୁଣ ସାହୁ, କାର୍ତ୍ତିକ ଭୋଇ, ବଲ୍ଲଭ ପରିଡା, ବିରଞ୍ଚି ବାରିକ, ଅଶୋକ ଧୀର, ସରୋଜ କୁମାର ସାହୁ, ପ୍ରକାଶ ସିଂହ, ସଂଘମିତ୍ରା ପ୍ରଧାନ ଉପସ୍ଥିତ ଥିଲେ।

# ମୋହିନିପାଳ ଗ୍ରାମକୁ ସ୍ଥାୟୀ ରାସ୍ତା ଦାବି

**ଡେରଙ୍ଗ/ କଣିହାଁ, ୨।୫ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତର ମୋହିନିପାଳ ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଉ ନାହିଁ। ଦୀର୍ଘବର୍ଷ ହେଲା ଏ ନେଇ ଦାବି ହୋଇଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ବ୍ୟତୀତ ଅନ୍ୟ କିଛି ମିଳିନାହିଁ। ଏପରି କି ଅତୀତରେ ସାଧାରଣ ନିର୍ବାଚନ ବେଳେ ଲୋକ ପ୍ରତିନିଧିମାନେ ଏ ନେଇ ଆଶ୍ୱାସନା ଦେଇଥିଲେ। ହେଲେ ନିର୍ବାଚନ ପରେ ସମ୍ପୃକ୍ତ ଜନପ୍ରତିନିଧିମାନେ ତାହାକୁ ପାଳନ କରି ନ ଥିବାରୁ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ବିଶେଷ କରି ବର୍ଷାଦିନେ ଏହି ରାସ୍ତାରେ ଗମନାଗମନ କଷ୍ଟକର ହୋଇପଡୁଛି। ପାଣିକାଦୁଅ ଯୋଗୁ କୌଣସି ଯାନବାହନ ଯାତାୟାତ କରିପାରୁ ନାହିଁ । ନିକଟରେ ୨ଟି ବଡ଼ ଶିଳ୍ପ ଥିଲେ ମଧ୍ୟ ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇପାରୁ ନାହିଁ। ଲୋକେ କାଦୁଅ ରାସ୍ତାରେ ପାଦରେ ଚାଲି ଚାଲି ଡାକ୍ତରଖାନା ଯାଉଥିବା ବେଳେ ପିଲାମାନେ ବିଦ୍ୟାଳୟକୁ ଯିବାଆସିବା କରିବାରେ ବେଶ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୋଟ ବେଳେ ଜନପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇ ପରେ ପାଳନ କରୁ ନ ଥିବାରୁ ଚଳିତ ସାଧାରଣ ନିର୍ବାଚନରେ ଗ୍ରାମବାସୀ କାହାକୁ ବିଶ୍ୱାସକୁ ନେବେ ତାହା ଚର୍ଚ୍ଚାର ବିଷୟ ହୋଇଛି। ସରକାରୀ ଯୋଜନାରେ ତୁରନ୍ତ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଅନୁଗୋଳ, ୨।୫ (ଅମିତ କୁମାର ସାମଲ)**

ବାଇକ୍–ବୋଲେରୋ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଖମାର ଥାନା ନୂଆଁଗା ଗ୍ରାମର କେଦାର ସାହୁଙ୍କ ପୁତ୍ର ଶଙ୍କର୍ଷଣ ସାହୁ (୨୪) ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ନୂଆଁଗା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ସହିତ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଶଙ୍କର୍ଷଣ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ବଇଣ୍ଡାବାସୀଙ୍କ ସହ ଆଲୋଚନା କଲେ ପିଡି

**ଆଉ ୩ ଅଣ୍ଡରପାସ୍ ନିର୍ମାଣ ଦାବି ପ୍ରସଙ୍ଗ**

**ବଇଣ୍ଡା, ୨।୫ (ପରିକ୍ଷିତ ସାହୁ)**



ଏନ୍ଏଚ୍ଏଆଇ ପିଡିଙ୍କ ସହ ଆଲୋଚନା କରୁଛନ୍ତି ବଇଣ୍ଡାବାସୀ।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜ୍ ତଳେ ଆଉ ୩ ଅଣ୍ଡରପାସ୍ ନିର୍ମାଣ ନେଇ ଗ୍ରାମବାସୀ ଗତ ମଙ୍ଗଳବାର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପିଡି ଡି. ସିଂ. ଚୌଧୁରୀଙ୍କୁ ଭେଟିବା ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଏହାପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଜାତୀୟ ରାଜପଥ ବିଭାଗ ସମ୍ବଲପୁରସ୍ଥିତ ପିଡି ଡି. ସିଂ. ଚୌଧୁରୀ ବଇଣ୍ଡାବାସୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଣ୍ଡରପାସ୍ ବ୍ରିଜ ନିର୍ମାଣ ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯିବ ବୋଲି କହିବା ସହ ଅନ୍ୟ ସମସ୍ୟାଗୁଡିକ ଶୀଘ୍ର ସମାଧାନ କରାଯିବ ବୋଲି ପିଡି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଫ୍ଲାଏ ଓଭରବ୍ରିଜ୍‌ରେ ବ୍ୟବହୃତ ପାଉଁଶ ଗୁଣ୍ଡ ପବନରେ ଉଡି ସମସ୍ୟା ସୃଷ୍ଟି କରୁଥିବା ସମ୍ପର୍କରେ ବଇଣ୍ଡାବାସୀ ଆଲୋଚନା ବେଳେ ପିଡିଙ୍କୁ ଅବଗତ କରିଥିଲେ। ତୁରନ୍ତ ଏହାର ସମାଧାନ କରିବା ପାଇଁ ଠିକାସଂସ୍ଥାକୁ ଅବଗତ କରାଯିବ ବୋଲି ପିଡି କହିଥିଲେ। ଏହି ଆଲୋଚନା ବେଳେ ସରପଞ୍ଚ ଦୀପ୍ତିମୟୀ ସାହୁ, ବରିଷ୍ଠ ନାଗରିକ ଭଗବାନ ଘିୱାଲା, ବଇଣ୍ଡା ଚନ୍ଦନ ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ବେହେରା, ଗ୍ରାମ ସହ ସମ୍ପାଦକ ପରୀକ୍ଷିତ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ଆଇନଜୀବୀ ଉଗ୍ରସେନ ସେଠୀ, ଗିରିଶ ଚନ୍ଦ୍ର ବେହେରା, ମାନସ ସାହୁ, ଶୁଭେନ୍ଦୁ ସାହୁ, ରାଜା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

